# NATIONAL NEWS BULLETIN (ODIA)
## 30 May - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ ।
- ଦେଶରେ ନିର୍ବାଚନ ପ୍ରକ୍ରିୟା ସମ୍ବିଧାନ ଏବଂ ଏ ସଂକ୍ରାନ୍ତ ଆଇନ୍ ଓ ଜାରି ନିର୍ଦ୍ଦେଶାବଳୀ ଆଧାରରେ କଡ଼ାକଡ଼ି ଭାବରେ ପରିଚାଳନା କରାଯାଏ, କହିଲେ ମୁଖ୍ୟ ନିର୍ବାଚନ କମିଶନର ।
- କର୍ଣ୍ଣାଟକ କଂଗ୍ରେସ ବିଧାୟକ ଦଳ ନେତା ଭାବେ ମନୋନୀତ ହେଲେ ଡି.କେ. ଶିବ କୁମାର ।
- ଆଫ୍‌ଗାନିସ୍ତାନର ଲାଘମନ ପ୍ରଦେଶରେ ଏକ ସଡ଼କ ଦୁର୍ଘଟଣାରେ ୨୨ ଜଣଙ୍କର ମୃତ୍ୟୁ ।

ଏବଂ

- ବ୍ରିଷ୍ଟଲ୍ ଟି-ଟ୍ୱେଣ୍ଟି ମହିଳା କ୍ରିକେଟ୍ ମ୍ୟାଚ୍‌ରେ ଟସ୍ ଜିତି ଭାରତ ବିପକ୍ଷରେ ଇଂଲଣ୍ଡର ବ୍ୟାଟିଂ ନିଷ୍ପତ୍ତି ।

## ପିଏମ-ମନ୍ କୀ ବାତ୍

**ପ୍ର**ଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ହେବ ମନ୍ କୀ ବାତ୍‌ର ୧୩୪ତମ ସଂସ୍କରଣ । କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Striming ହେବ । ହିନ୍ଦୀ ପ୍ରସାରଣ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ମ୍ୟାଁମାର୍ ପ୍ରେସିଡେଣ୍ଟ ଦିଲ୍ଲୀ

ଭାରତକୁ ୫ ଦିନିଆ ଗସ୍ତରେ ଆସିଥିବା ମ୍ୟାଁମାର୍ ରାଷ୍ଟ୍ରପତି ଉ ମିନ୍ ଆଉଁ ଲାଇନ୍ ବିହାର ଗସ୍ତ ଶେଷ କରି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବିମାନ ବନ୍ଦରଠାରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ତାଙ୍କୁ ସ୍ୱାଗତ କରିଥିଲେ । ଭାରତ ଗସ୍ତରେ ଆସି ରାଷ୍ଟ୍ରପତି ଲାଇନ୍ ବିହାରର ବୋଧଗୟାରେ ପ୍ରଥମେ ପହଞ୍ଚିଥିଲେ । ସେଠାରେ ମହାବୋଧି ମନ୍ଦିର

ଏବଂ ସୁଜାତା ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଅନ୍ୟ କେତେକ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିଲେ ।

ମ୍ୟାଁମାର୍ ରାଷ୍ଟ୍ରପତିଙ୍କ ସହ କ୍ୟାବିନେଟ୍ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ବ୍ୟାବସାୟିକ ନେତୃତ୍ୱଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଏହି ଗସ୍ତରେ ଆସିଛନ୍ତି । ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ଲାଇନ୍‌ଙ୍କର ଏହା ପ୍ରଥମ ଭାରତ ଗସ୍ତ । ଗସ୍ତ ଅବସରରେ ରାଷ୍ଟ୍ରପତି ଲାଇନ୍ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତାକାଲି ଭାରତ-ମ୍ୟାଁମାର୍ ବାଣିଜିକ ବୈଠକରେ ସେ ଯୋଗଦେବେ । ସୋମବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ମ୍ୟାଁମାର୍ ରାଷ୍ଟ୍ରପତି ଦ୍ୱିପାକ୍ଷିକ ଆଲୋଚନାର କରିବେ । ଉଭୟ ଦେଶ ମଧ୍ୟରେ ଐତିହାସିକ ଓ ସାଂସ୍କୃତିକ ସହଭାଗିତାକୁ ଅଧିକ ସଶକ୍ତ କରିବା ନେଇ ଉଭୟ ନେତାଙ୍କ ମଧ୍ୟରେ ମତବିନିମୟ ହେବାର ଆଶା କରାଯାଉଛି ।

## ସିଇସି-କନ୍‌ଫରେନ୍ସ

ଭାରତ ଭଳି ଗଣତାନ୍ତ୍ରିକ ଦେଶରେ ନିର୍ବାଚନ ପ୍ରକ୍ରିୟା, ଭାରତୀୟ ସମ୍ବିଧାନ ଏବଂ ଏ ସଂକ୍ରାନ୍ତ ଆଇନ୍ ଓ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଆଧାରରେ କଡ଼ାକଡ଼ି ଭାବରେ ପରିଚାଳନା

କରାଯାଏ ବୋଲି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି । ନୂଆଦିଲ୍ଲୀରେ ଆଜି ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାଟିକ୍ ଆଣ୍ଡ ଇଲେକ୍‌ସନ୍ ମ୍ୟାନେଜ୍‌ମେଣ୍ଟ ପ୍ରତିଷ୍ଠାନରେ ଆୟୋଜିତ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ କୁମାର କହିଛନ୍ତି, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ କମିଶନ୍‌ଙ୍କ ପକ୍ଷରୁ ଆନୁସଙ୍ଗୀକ ପଦକ୍ଷେପ ଗ୍ରହଣ କରାଯାଇଥାଏ । ଲୋକସଭା ନିର୍ବାଚନ ଉପରେ ଆଲୋକପାତ କରି ସେ କହିଛନ୍ତି, ଏଥିରେ ପ୍ରାୟ ୧ କୋଟି ୮୦ ଲକ୍ଷ କର୍ମଚାରୀ ନିୟୋଜିତ ହୋଇଥିଲେ । ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ, ମତଦାନ ଓ ଗଣନା ପ୍ରକ୍ରିୟା ଏବଂ ନିର୍ବାଚନ ପରିଚାଳନା ଆଦି ଉପରେ ସୂଚନା ପ୍ରଦାନ ସହିତ ଏହି ସମ୍ମିଳନୀ ଆରମ୍ଭ ହୋଇଛି ।

## କର୍ଣ୍ଣାଟକ-ପାର୍ଟି ମିଟିଂ

ଡି.କେ. ଶିବ କୁମାର କର୍ଣ୍ଣାଟକର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ । ବେଙ୍ଗାଲୁରୁ ଠାରେ ଆଜି ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକରେ ନେତା ଭାବେ ଶ୍ରୀ ଶିବ କୁମାରଙ୍କୁ ମନୋନୀତ କରାଯାଇଛି । ବିଦାୟୀ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ଉତ୍ତରାଧିକାରୀ ଚୟନ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଶ୍ରୀ ସିଦ୍ଧରମେୟା ଏବଂ ଡକ୍ଟର ଜି ପରମେଶ୍ୱରଙ୍କ

ଦ୍ୱାରା ନେତା ଭାବେ ଶିବ କୁମାରଙ୍କ ନାମ ପ୍ରସ୍ତାବ ଆଗତ କରାଯାଇଥିଲା । ବୈଠକ ପରେ ଏ.ଆଇ.ସି.ସି. ସାଧାରଣ ସମ୍ପାଦକ କେ.ସି. ଭେନୁଗୋପାଳ ଆନୁଷ୍ଠାନିକ ଭାବେ ଏହି ସୂଚନା ପ୍ରଦାନ କରିଛନ୍ତି । ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଭେନୁଗୋପାଳ କହିଛନ୍ତି, ସର୍ବସମ୍ମତି କ୍ରମେ ଶିବ କୁମାର ବିଧାୟକ ଦଳ ନେତା ଭାବେ ମନୋନୀତ ହୋଇଛନ୍ତି । ଖୁବ୍ ଶୀଘ୍ର ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ନିକଟରେ ସେ ଦାବି ଉପସ୍ଥାପନ କରିବେ । ଆସନ୍ତା ମାସ ୩ ତାରିଖରେ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବା ନେଇ ଶ୍ରୀ ଭେନୁଗୋପାଳ ସୂଚନା ଦେଇଛନ୍ତି ।

## ବୈଷ୍ଣବ-ନଏଡ଼ା

ଗ୍ରେଟର ନଏଡ଼ାର ସୁରଜପୁର ସ୍ଥିତ ଲୋହୁମ୍‌କୁ ଆଜି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗସ୍ତ କରିଥିଲେ । ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଶ୍ରୀ ବୈଷ୍ଣବ କହିଛନ୍ତି, ଲିଥିୟମ୍ ବ୍ୟାଟେରି ଏବଂ ସ୍ଥାୟୀ ଚୁମ୍ବକ ବହୁ ଆଧୁନିକ ପ୍ରଯୁକ୍ତି କ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିନ୍ତି । ଭାରତରେ ଉତ୍ପାଦନ କରାଯିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଆଧାରରେ ପଦକ୍ଷେପ ଗ୍ରହଣ କରାଯାଉଛି । ଶ୍ରୀ ବୈଷ୍ଣବ କହିଛନ୍ତି, ଘରୋଇ ଭାବେ ପ୍ରଯୁକ୍ତିବିଦ୍ୟା

ବିକଶିତ ହେବା ଆବଶ୍ୟକ । ଲୋହୁମ୍ ନାମକ ଏହି ଯୁବ ଷ୍ଟାର୍ଟଅପ୍ ସଫଳତାର ସହ ଶ୍ରୀ ମୋଦୀଙ୍କ ଦୃଷ୍ଟିକୋଣ ଆଧାରିତ ଜଟିଳ ପ୍ରଯୁକ୍ତିବିଦ୍ୟାକୁ ବିକଶିତ କରିପାରିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଚୌହାନ-କ୍ଷେତ ବଚାଓ ଅଭିଯାନ

କ୍ଷେତ ବଚାଓ ପଦକ୍ଷେପକୁ ଦେଶ ବ୍ୟାପି ଏକ ଜାତୀୟ ଅଭିଜାନରେ ପରିଣତ କରିବା ଉପରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ କ୍ଷେତ ବଚାଓ ଅଭିଯାନର ପ୍ରସ୍ତୁତି ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ଚୌହାନ ଅଭିଯାନକୁ କୃଷିଜୀବୀ, କୃଷି କ୍ଷେତ୍ର ଏବଂ ଗ୍ରାମାଞ୍ଚଳ ସମନ୍ୱୟ କ୍ଷେତ୍ରରେ ଅଧିକ ବ୍ୟାପକ କରିବାକୁ ଆହ୍ୱାନ ଦେଇଛନ୍ତି । ସାରର ସନ୍ତୁଳିତ ବ୍ୟବହାର, ପାଣିପାଗ ସମ୍ବନ୍ଧୀୟ ଆହ୍ୱାନକୁ ଦୃଷ୍ଟିରେ ରଖି ଚାଷୀଙ୍କୁ ସମୟୋଚିତ ପରାମର୍ଶ, ପଞ୍ଚାୟତ ସ୍ତରରେ ସକ୍ରିୟ ଅଂଶଗ୍ରହଣ ଏବଂ ଯୋଜନାର ସୁଫଳ ସିଧାସଳଖ ଗ୍ରାମାଞ୍ଚଳରେ ପହଞ୍ଚାଇବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି । ଏହିସବୁ କ୍ଷେତ୍ରଗୁଡ଼ିକ ଉପରେ ପ୍ରାଥମିକତା ପ୍ରଦାନ କରିବାକୁ ଶ୍ରୀ ଚୌହାନ କୃଷି ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି । ପଞ୍ଚାୟତ ସ୍ତରରେ

ଏଥିପାଇଁ ଏକ ଦୃଢ଼ ଭିତ୍ତିଭୂମି କ୍ଷେତ୍ର ପ୍ରସ୍ତୁତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ରସାୟନିକ ସାରର ବ୍ୟବହାରକୁ ସୀମିତ ରଖିବା ଏବଂ ଚାଷୀଙ୍କୁ ସହାୟତା ପ୍ରଦାନ ମାଧ୍ୟମରେ ଏହି ଅଭିଯାନକୁ ଅଧିକ ସକ୍ରିୟ କରିବାକୁ ମନ୍ତ୍ରୀ ଶ୍ରୀ ଚୌହାନ ଗୁରୁତ୍ୱ ଦେଇଛନ୍ତି । ସେ କହିଛନ୍ତି, ଏହି ଅଭିଯାନ କେବଳ ମନ୍ତ୍ରଣାଳୟ କିମ୍ବା ବିଭାଗ ସ୍ତରରେ ସୀମିତ ନ ରହି ରାଜ୍ୟଗୁଡ଼ିକର ଜନପ୍ରତିନିଧିଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯିବ । ଏହି ଅଭିଯାନ ଆସନ୍ତା ସୋମବାରଠାରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଦେଶ ବ୍ୟାପି କାର୍ଯ୍ୟକାରୀ କରାଯିବ । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକ ଏହି ଅଭିଯାନରେ ସମସ୍ତ ଅଂଶଗ୍ରହଣକାରୀଙ୍କ ପାଇଁ ସଂଯୋଜକର ଭୂମିକା ନିର୍ବାହ କରିବ । ଏଥିପାଇଁ ୧ ହଜାର ୬୦୦ରୁ ଅଧିକ ଦଳ ଗଠନ କରାଯାଇଛି । ଅଧିକ ସାର ବ୍ୟବହାର ହେଉଥିବା ୧୦୦ଟି ଜିଲ୍ଲା ପାଇଁ ମୋଟ୍ ୫୦୦ଟି ଦଳ ଗଠନ କରାଯାଇଥିବା ମନ୍ତ୍ରଣାଳୟ କହିଛି ।

## ଆଫ୍‌ଗାନିସ୍ତାନ ଆକ୍ସିଡେଣ୍ଟ

ଆଫ୍‌ଗାନିସ୍ତାନର ଲାଘମନ୍ ପ୍ରଦେଶରେ ଏକ ସଡ଼କ ଦୁର୍ଘଟଣାରେ ୨୨ ଜଣଙ୍କର ମୃତ୍ୟୁ ହେବା ସହ ୩୫ ଜଣ ଆହତ ହୋଇଛନ୍ତି ।

ଆଫ୍‌ଗାନ ଶରଣାର୍ଥୀଙ୍କୁ ନେଇ ପାକିସ୍ତାନରୁ ଫେରୁଥିବା ଏକ ଟ୍ରକ୍ ଓଲଟି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି । ମୃତକଙ୍କ ମଧ୍ୟରେ ୧୦ ଜଣ ଶିଶୁ ଏବଂ ୫ ଜଣ ମହିଳା ଅଛନ୍ତି । ଲାଘମନ ପ୍ରଦେଶର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅମିନୁଲାହା ସରିଫ୍ କହିଛନ୍ତି, ଡ୍ରାଇଭର ଶୋଇପଡ଼ିବା ଯୋଗୁଁ ଏହି ଦୁର୍ଘଟଣା ଘଟିଛି ।

# ଜିତେନ୍ଦ୍ର ସିଂହ-ସମାଧାନ ଦିଦି

କୃତିମ ବୁଦ୍ଧିମତା ଆଧାରିତ ସି.ପି.ଗ୍ରାମ୍ସ ଭଏସ୍ ଚାର୍ଟ୍‌ବଟ୍ – ସମାଧାନ ଦିଦିର ଆଜିର ଶୁଭାରମ୍ଭ ହୋଇଛି । ନୂଆଦିଲ୍ଲୀଠାରେ କର୍ମଚାରୀ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏହାର ଶୁଭାରମ୍ଭ କରିଛନ୍ତି । ଗଣମାଧ୍ୟମକୁ ସମ୍ବୋଧନ କରି ଡକ୍ଟର ସିଂହ ସମାଧାନ ଦିଦିକୁ ଅଭିଯୋଗ ସମାଧାନ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବର୍ଣ୍ଣନା କରିଛନ୍ତି ।

ଦେଶର ୨୨ଟି ଅନୁସୂଚୀତ ଭାରତୀୟ ଭାଷା ଏଥିରେ ଅନ୍ତର୍ଭୁକ୍ତ ହୋଇଛି । ଅତିରିକ୍ତ ଆଞ୍ଚଳିକ ଓ ସ୍ଥାନୀୟ ଭାଷାକୁ ଏହି ବ୍ୟବସ୍ଥାରେ ସାମିଲ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଡକ୍ଟର ସିଂହ କହିଛନ୍ତି । ପ୍ରଶାସନିକ ପ୍ଲାଟ୍‌ଫର୍ମଗୁଡ଼ିକରେ ଆଞ୍ଚଳିକ ଭାଷାର ଉପଯୋଗ ଏହାର

ସହଜ ବ୍ୟବହାର, ବ୍ୟାପକତା ଏବଂ ସମାବେଶୀ ପ୍ରକ୍ରିୟାକୁ ସୁନିଶ୍ଚିତ କରିବ ବୋଲି ଡକ୍ଟର ସିଂହ କହିଛନ୍ତି । ବାର୍ଷିକ ପଞ୍ଜୀକୃତ ସାଧାରଣ ଅଭିଯୋଗ ସଂଖ୍ୟା ଇତିମଧ୍ୟରେ ପ୍ରାୟ ୨୫ରୁ ୩୦ ଲକ୍ଷରେ ପହଞ୍ଚିଛି । ତ୍ୱରିତ ସମାଧାନ ପ୍ରକ୍ରିୟା, ସମୟବଦ୍ଧ ଅନୁପାଳନ ଏବଂ ପ୍ରଶାସନିକ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କର ବିଶ୍ୱାସକୁ ଏହା ପ୍ରତିଫଳିତ କରୁଛି ବୋଲି ଡକ୍ଟର ସିଂହ କହିଛନ୍ତି । ଭାଷିନୀ ମାଧ୍ୟମ ଉପଯୋଗରେ ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ଏହି ଚାର୍ଟ୍‌ବଟ୍ ବିକଶିତ ହୋଇଛି । ନାଗରିକଙ୍କ ଦ୍ୱାରା ଇଣ୍ଟରଫେସ୍ ମାଧ୍ୟମରେ ସହଜ ଉପାୟରେ ସାଧାରଣ ଅଭିଯୋଗଗୁଡ଼ିକ ଏହାଦ୍ୱାରା ପଞ୍ଜୀକୃତ ହୋଇଥାଏ ।

ଡକ୍ଟର ସିଂହ କହିଛନ୍ତି, ମାଳଦୀପ, ମରିସସ୍ ଏବଂ ଆଫ୍ରିକାର ଦେଶଗୁଡ଼ିକ ସମେତ ବହୁ ରାଷ୍ଟ୍ର ଭାରତର ଅଭିଯୋଗ ସମାଧାନ ମଡେଲ୍ ଅଧ୍ୟୟନ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ।

## ଦିଲ୍ଲୀ–ଆରେଷ୍ଟ

ପାକିସ୍ତାନର ଆଇ.ଏସ୍.ଆଇ. ଏବଂ ମୁମ୍ବାଇ ଅଣ୍ଡର ଓ୍ୱାର୍ଲ୍ଡ ନେଟ୍‌ଓ୍ୱାର୍କ ସହ ଜଡ଼ିତ ଅଭିଯୋଗରେ ୮ ଜଣଙ୍କୁ ଦିଲ୍ଲୀ ପୁଲିସ୍‌ର ସ୍ୱତନ୍ତ୍ର ସ୍କ୍ୱାର୍ଡ୍ ଗିରଫ୍ କରିଛି । ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ସ୍ପେସାଲ୍ ସ୍କାର୍ଡ୍ ସି.ପି. ଅନୀଲ ଶୁକ୍ଲା କହିଛନ୍ତି, ଦିଲ୍ଲୀର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଏବଂ

ସୁରକ୍ଷା କର୍ମୀଙ୍କ ଉପରେ ଆକ୍ରମଣ କରିବା ପାଇଁ ସେମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଗିରଫ୍ ବ୍ୟକ୍ତିଙ୍କ ଠାରୁ କେତେକ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ସୀମାପାର ନିର୍ଦ୍ଦେଶରେ ସେମାନେ କାର୍ଯ୍ୟ କରୁଥିବା ନେଇ ଶ୍ରୀ ଶୁକ୍ଲା ସୂଚନା ଦେଇଛନ୍ତି । ଦିଲ୍ଲୀ, ମହାରାଷ୍ଟ୍ର ଏବଂ ପୁଣେରୁ ସେମାନଙ୍କୁ ଗିରଫ୍ କରାଯାଇଥିବା ସେ କହିଛନ୍ତି ।

# କ୍ରିକେଟ୍

ଭାରତ-ଇଂଲଣ୍ଡ ତିନିଟିକିଆ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ବ୍ରିଷ୍ଟଲ୍‌ଠାରେ ଖେଳାଯାଉଛି । ଟସ୍ ଜିତି ଇଂଲଣ୍ଡ ବ୍ୟାଟିଂ କରିବା ଆରମ୍ଭ କରିଛି । ଚେମ୍ସଫୋର୍ଡ଼ ଠାରେ ଗତ ଗୁରୁବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୩୮ରନ୍‌ରେ ବିଜୟ ହାସଲ କରି ସିରିଜ୍‌ରେ ୧-୦ରେ ଆଗୁଆ ରହିଛି ।

# ଆଇପିଏଲ୍-କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ର ଚଳିତ ସଂସ୍କରଣର ଟାଇଟଲ୍ ହାସଲ ପାଇଁ ଆସନ୍ତାକାଲି ଗୁଜୁରାଟ ଟାଇଟନ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ

ମଧ୍ୟରେ ମୁକାବିଲା ହେବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ସଂଧ୍ୟା ସାଢ଼େ ୭ଟାରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

ଗତକାଲି ନୂଆ-ଚଣ୍ଡିଗଡରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାଲିଫାୟାରରେ ଗୁଜୁରାଟ ଟାଇଟନ୍ସ, ରାଜସ୍ଥାନ ରୟାଲ୍ସକୁ ୭ୱିକେଟ୍‌ରେ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ।